ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ସ୍ୱତନ୍ତ୍ର ହସ୍ତତନ୍ତ ମେଳାରେ ୩ ଦିନରେ ୫ ଲକ୍ଷ ବିକ୍ରି

ଭୁବନେଶ୍ୱର, ୩୦/୦୮/୨୦୧୯

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'ବୟନିକା' ପକ୍ଷରୁ ଅଗଷ୍ଟ ୨୭ ତାରିଖଠାରୁ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ଏହି ସ୍ୱତନ୍ତ୍ର ହସ୍ତତନ୍ତ ମେଳାରେ ସମଗ୍ର ଓଡ଼ିଶାରୁ 'ବୟନିକା', 'ସେରିଫେଡ୍', 'ସମ୍ବଲପୁରୀ ବସ୍ତ୍ରାଳୟ', 'ଉତ୍କଳିକା' ୩୨ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗୋଟିଏ ଜାତୀୟ ପୁରସ୍କାର ବିଜେତା ଷ୍ଟଲ ରହିଛି । ଏହି ଷ୍ଟଲ୍‌ଗୁଡ଼ିକରେ ବୋମ୍‌କାଇ ଓ ଇକତ ସିଲକ୍ ଶାଢ଼ି, ସୂତା ଶାଢ଼ି, ଡ୍ରେସ୍ କପଡ଼ା (ଉଭୟ ସିଲକ୍ ଓ ସୂତା), ଟସର, ଘିଚା ଶାଢ଼ି, ବିଭିନ୍ନ ପ୍ରକାର ସ୍କାର୍ଫ, ଷ୍ଟୋଲ୍, ଡ୍ରେସ୍, ଲୁଙ୍ଗି, ଧୋତି, ରୁମାଲ୍ ଓ ପୁରୁଷ ଏବଂ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ରେଡିମେଡ୍ ବସ୍ତ୍ର ଉପଲବ୍ଧ ହେଉଛି ।

ସର୍ବସାଧାରଣଙ୍କ ନିମନ୍ତେ ଏକ ଫୁଡ୍ କୋର୍ଟର ବ୍ୟବସ୍ଥା ରହିଛି । ଗତ ୩ ଦିନରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳାରେ ୫ ଲକ୍ଷ ଟଙ୍କାର ବିକ୍ରି ହୋଇଛି । କେବଳ 'ବୟନିକା' ଷ୍ଟଲ୍‌ରେ ୨ ଲକ୍ଷ ଟଙ୍କାର ବିକ୍ରି ହୋଇଛି ବୋଲି ବୟନିକାର ପରିଚାଳକ, ବାଣିଜ୍ୟ, ଆର୍ତ୍ତରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି ।

ଏହି ସ୍ୱତନ୍ତ୍ର ହସ୍ତତନ୍ତ ମେଳା ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ସକାଳ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି ।

ଡକ୍ଟର ଜ୍ୟୋତିର୍ମତୀ ସାମନ୍ତରାୟ
ସୂଚନା ଅଧିକାରୀ